ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର
ଦିନଲିପି
THE DINALIPI
www.dinalipiepaper.com
15 Feb 2025 - Page 7

# ଆତିଥ୍ୟ ଓ ପର୍ଯ୍ୟଟନ ଉଦ୍ୟୋଗକୁ ରୂପ ଦେବାରେ ଆଇଏଚଏମ ଅଗ୍ରଣୀ

ଭୁବନେଶ୍ୱର(ପିଆଇବି): ଓଡ଼ିଶାର ଯୁବବର୍ଗଙ୍କ ମଧ୍ୟରେ ହସପିଟାଲିଟି ବା ଆତିଥ୍ୟ ଶିକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଭୁବନେଶ୍ୱରର ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଆଇଏଚଏମ) ସହଭାଗିତାରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ସଫଳତାର ସହ ଶିକ୍ଷାନୁଷ୍ଠାନ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଆଇଏଚଏମ ଭୁବନେଶ୍ୱରର ଅଧ୍ୟକ୍ଷ ଶାରଦା ଘୋଷ ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ଅଧ୍ୟାପକ ସମିତ ସୁମନ ଏବଂ ପ୍ରମଥଦୀପ କର ଉପସ୍ଥିତ ଥିଲେ । ଆତିଥ୍ୟ କ୍ଷେତ୍ରରେ ରହିଥିବା ବ୍ୟାପକ କ୍ୟାରିଅର ସମ୍ଭାବନା ଏବଂ ଭବିଷ୍ୟତର ପେସାଦାରମାନଙ୍କୁ ଗଢ଼ିବାରେ ଗୁଣାତ୍ମକ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା । ଏହି ବକ୍ତବ୍ୟ ରଖି ଶ୍ରୀମତୀ ଘୋଷ ଆତିଥ୍ୟ ଶିଳ୍ପରେ ଥିବା ଅପାର ସମ୍ଭାବନାକୁ ପ୍ରଦର୍ଶିତ କରିବା ଲାଗି ସାରା ଓଡ଼ିଶାର ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିବା ଲାଗି ଆଇଏଚଏମର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବରେ ଉଭା ହେବା ସହିତ



ବିଳାସପୂର୍ଣ୍ଣ ହୋଟେଲ ଏବଂ ରିସର୍ଟ ସଂଖ୍ୟାରେ ବୃଦ୍ଧି ଘଟିବା ସହିତ କୁଶଳୀ ପେସାଦାରଙ୍କ ଚାହିଦା ସର୍ବକାଳୀନ ଉଚ୍ଚ ସ୍ତରରେ ରହିଛି । ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ) ଦ୍ୱାରା ପ୍ରଦାନ କରାଯାଇଥିବା ଆତିଥ୍ୟ ଓ ହୋଟେଲ ପ୍ରଶାସନରେ ବିଏସସି ଏବଂ ଆତିଥ୍ୟ ପ୍ରଶାସନରେ ଏମଏସସି ସମେତ ଏହି ଶିକ୍ଷାନୁଷ୍ଠାନ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରମୁଖ ପାଠ୍ୟକ୍ରମ ବିଷୟରେ ସେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ସେ ଆହୁରି କହିଥିଲେ ଯେ ଯେକୌଣସି ଶିକ୍ଷାଗତ ପୃଷ୍ଠଭୂମିର ଛାତ୍ରଛାତ୍ରୀ ଆତିଥ୍ୟ ଏବଂ ହୋଟେଲ ପ୍ରଶାସନରେ ବିଏସସି ପଢ଼ିବା ପାଇଁ ଆବେଦନ କରିପାରିବେ । ତେବେ ସେମାନେ ଇଂରାଜୀକୁ ଗୋଟିଏ ବିଷୟ ଭାବରେ ଅଧ୍ୟୟନ କରିବା ଆବଶ୍ୟକ । ସମିତ ସୁମନ ସ୍ନାତକମାନଙ୍କ ପାଇଁ ଉପଲବ୍ଧ ବିବିଧ କ୍ୟାରିଅର ସୁଯୋଗ ବିଷୟରେ ସୂଚନା ଦେଇଥିଲେ । ହୋଟେଲ ଶୃଙ୍ଖଳାଗୁଡ଼ିକ ବ୍ୟତୀତ ବିମାନ ଚଳାଚଳ, ରେଳବାଇ, ଶିଳ୍ପ କ୍ୟାଟରିଂ, ସୁବିଧା ପରିଚାଳନା, ଡାକ୍ତରଖାନା, ଖୁଚୁରା ବ୍ୟବସାୟ, ଖାଦ୍ୟ ସେବା ଏବଂ ଏପରିକି ସଶସ୍ତ୍ର ବାହିନୀରେ ନିଯୁକ୍ତି ସୁଯୋଗ ପରିବ୍ୟାପ୍ତ । ସେ ଗୁରୁତ୍ୱାରୋପ କରି କହିଥିଲେ ଯେ ପାଠ୍ୟକ୍ରମ ସମୟରେ ହାସଲ କରାଯାଇଥିବା କୌଶଳ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ସେବା ଉଦ୍ୟୋଗ କ୍ଷେତ୍ରରେ ନିରବଚ୍ଛିନ୍ନ ଭାବେ ଯୋଡ଼ିବାରେ ସକ୍ଷମ କରିଥାଏ । ଏହି ଆଲୋଚନାରେ ଯୋଗ ଦେଇ ପ୍ରମଥଦୀପ କର ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟର ନେତୃତ୍ୱରେ ଦକ୍ଷତା ବିକାଶ ପଦକ୍ଷେପ ଏବଂ ଦକ୍ଷତା ବିକାଶ କେନ୍ଦ୍ର ଭାବେ ଆଇଏଚଏମ ଭୁବନେଶ୍ୱରର ଭୂମିକା ବିଷୟରେ କହିଥିଲେ । ମାଗଣା ଦକ୍ଷତା ତାଲିମ ପ୍ରଦାନ କରୁଥିବା ସେବା ପ୍ରଦାନକାରୀଙ୍କ ପାଇଁ କ୍ଷମତା ନିର୍ମାଣ ପଦକ୍ଷେପ ସମେତ ସରକାର ସମର୍ଥିତ ତାଲିମ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଂଶଗ୍ରହଣ ଉପରେ ସେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଗ୍ରଣୀ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ତିରିଶରୁ ଅଧିକ ସାମ୍ବାଦିକ ଅଂଶଗ୍ରହଣ କରିଥିଲେ । ଏହା ଏକ ସମ୍ଭାବନାପୂର୍ଣ୍ଣ କ୍ୟାରିଅର୍ ମାର୍ଗ ଭାବରେ ହୋଟେଲ ମ୍ୟାନେଜମେଣ୍ଟର ବର୍ଦ୍ଧିତ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲା ।